
# ସ୍ୱତନ୍ତ୍ର, ପୂର୍ବ, ସୂଚିତ, ସହମତି ପ୍ରକ୍ରିୟା (ଏଫ୍‌ପିଆଇସି)

## ଏକ ସଂକ୍ଷିପ୍ତ ମାର୍ଗଦର୍ଶିକା



आदिवासी जनजाती अधिकार मंच

आ ज म

act!onaid

# ସତନ୍ତ୍ର, ପୂର୍ବ, ସୂଚିତ, ସହମତି ପ୍ରକ୍ରିୟା (ଏଫ୍‌ପିଆସି)

## ଏକ ସଂକ୍ଷିପ୍ତ ମାର୍ଗଦର୍ଶିକା



actionaid

ସର୍ବାଧିକାର ସୁରକ୍ଷିତ । ଏହି ସହାୟକ ପୁସ୍ତିକା ରେ ଥିବା ଲେଖା ର ମୂଳ ସ୍ରୋତ କୁ ଅଭିସ୍ୱୀକୃତି ଦେଇ ଏହା କୁ ମୁକ୍ତ ରୂପ ରେ ସମ୍ପୂର୍ଣ୍ଣ କିମ୍ବା ଆଂଶିକ ଭାବ ରେ ସମୀକ୍ଷା, ପୂନରଦ୍ଧାର, ପୁନଃ ସମ୍ପାଦନ କିମ୍ବା ଭାଷାନ୍ତରଣ କରାଯାଇ ପାରିବ । ଏହି ରିପୋର୍ଟ ରେ କରାଯାଇ ଥିବା ନୀତି ର ସମୀକ୍ଷା କିମ୍ବା ସୁପାରିଶ କୌଣସି ଭାବ ରେ ଆକ୍ସନ୍‌ଏଡ୍ ମତ କୁ ଉପସ୍ଥାପିତ କରୁ ନାହିଁ ।

କପି ରାଇଟ୍ © ଆକ୍ସନ୍‌ଏଡ୍ ୨୦୧୭

ରିପୋର୍ଟ ସମ୍ପାଦନ - ୨୦୧୮

ସମ୍ପାଦନା

ନାଚୁରାଲ୍ ରିସୋର୍ସେସ୍ ନଲେଜ୍ ଆକ୍ଟିଭିଷ୍ଟ ହବ୍

ଆକ୍ସନ୍‌ଏଡ୍ ଆସୋସିଏସନ୍

୩୩୧-ଏ, ଶହୀଦ୍ ନଗର, ଭୁବନେଶ୍ୱର-୭୫୧୦୦୭

ଫୋନ୍ - ୦୬୭୪ ୨୫୪୮୨୨୪ / ୨୫୪୮୫୦୩

ଅଳଙ୍କରଣ - ନାଚୁରାଲ୍ ରିସୋର୍ସେସ୍ ନଲେଜ୍ ଆକ୍ଟିଭିଷ୍ଟ ହବ୍

ମୁଦ୍ରଣ - ବାବା ପ୍ରିଣ୍ଟର୍ସ, ଭୁବନେଶ୍ୱର

ପ୍ରଚ୍ଛଦ ଓ ଚିତ୍ର - ରଜତ କୁମାର ଧଳ

# କୃତଜ୍ଞତା

ବୈଶ୍ୱିକରଣର ଫଳ ସ୍ୱରୂପ ପ୍ରାକୃତିକ ସଂସାଧନ ଉପରେ ବର୍ଦ୍ଧିତ ଚାହିଦା ଏବଂ ଶୋଷଣ ଆଦିବାସୀ ସମୁଦାୟର ପାରମ୍ପାରିକ ସଂପଦ ଓ ବାସବସତି ପାଇଁ ବିପଦ ସୃଷ୍ଟି କରୁଅଛି ।ଏହା ଫଳରେ ସେମାନେବାସହରା ସ୍ଥାନାନ୍ତର, ଦେଶାନ୍ତର ହେବା ସହିତ ଜୈବ ବିବିଧତାର ହାନି ଘଟୁଛି । ଦୁର୍ଭାଗ୍ୟପୂର୍ଣ୍ଣଭାବରେ ଏହା ଦ୍ୱନ୍ଦ ଓ ହିଂସା ସୃଷ୍ଟି କରୁଅଛି ।

୨୦୧୧ ଜନଗଣନା ଅନୁଯାୟୀ ପ୍ରାୟ ୧୦୪ ନିୟୁତ ଆଦିବାସୀ ଭାରତରେ ବସବାସ କରୁଛନ୍ତି ।ଯାହା ଭାରତରେ ମୋଟ ଜନସଂଖ୍ୟାର ୮.୬ ଶତକଡ଼ା ଅଟେ । ଖଣିଜଖନନ ଓ ବିଭିନ୍ନ ଔଦ୍ୟୋଗିକ ପରିଯୋଜନା ଯୋଗୁ ସେମାନେ ନିଜର ପାରମ୍ପାରିକ ଭୂମିରୁ ବେଦଖଲ ଓ ବିଭିନ୍ନ ଭାବରେ ଶୋଷିତ ହେଉଛନ୍ତି । ଆଦିବାସୀ ସମୁଦାୟ, ପ୍ରତ୍ୟେକ ସ୍ଥାନରେ ନିଜର ଜମି, ଜଙ୍ଗଲ ଓ ପ୍ରାକୃତିକ ସଂସାଧନ କୁ ସୁରକ୍ଷା ଦେବାକୁ ସଂଘର୍ଷ ରତ । ପେସା ଅଧିନିୟମ ୧୯୯୬ ଏବଂ ଜଙ୍ଗଲ ଅଧିକାର ଅଧିନିୟମ ୨୦୦୬ ଭଳି ଉନ୍ନତି ମୂଳକ ଆଇନ ଆଦବାସୀଙ୍କର ସ୍ୱାର୍ଥ ସାଧନ ପାଇଁ ପ୍ରଣୟନ କରାଯାଇ ଥିଲେ ମଧ୍ୟ ସଠିକ ଭାବରେ କାର୍ଯ୍ୟକ୍ଷମ କରାଯାଇପାରୁ ନାହିଁ ।

ଏହି ପରିପ୍ରେକ୍ଷିରେ ଆଦିବାସୀ ସମୁଦାୟର ଅଧିକାର ସୁରକ୍ଷା ପାଇଁ ଆନ୍ତର୍ଜାତୀୟ ସ୍ତରରେ ପ୍ରଣୟନ କରାଯାଇ ଥିବା ନିୟମାବଳିର ଅବଧାରଣା କରିବାର ଆବଶ୍ୟକତା ରହିଛି । ଉଭୟ ଆଇ.ଏଲ୍.ଓ ସମ୍ମିଳନୀ ୧୬୯ ଏବଂ ୟୁ.ଏନ୍.ଡି.ଆର୍.ଆଇ.ପି ସମ୍ମିଳନୀ ୨୦୦୭ ଆଦିବାସୀ ସମୁଦାୟର ମୁକ୍ତ ସୁଚିତ, ପୂର୍ବ ସହମତି ପ୍ରକ୍ରିୟା ଉପରେ ଜୋର ଦେଇ ଅଛନ୍ତି । ସେମାନଙ୍କ ମତରେ ଯେଉଁ ପରିଯୋଜନା ବା କାର୍ଯ୍ୟକଳାପ ଆଦିବାସୀ ସମୁଦାୟର ପ୍ରାକୃତିକ ସଂସାଧନ ଉପରେ ଅଧିକାରକୁ କ୍ଷୁର୍ଣ୍ଣ କରୁଥିବ, ସେଠାରେ ଏହି ପ୍ରକ୍ରିୟାକୁ ଅନୁସରଣ କରିବା ନିତ୍ୟାନ୍ତ ଆବଶ୍ୟକ ସେହି ସମୟରୁ ଏଫ୍‌ପିଆଇସି ଏକ ମୌଳିକ ପ୍ରକ୍ରିୟା ଭାବରେ ଆଦିବାସୀ ସମୁଦାୟର ଅଧିକାରକୁ ରକ୍ଷା କରି ଆସୁଅଛି ।

ଏଫ୍‌ଏଓ, ଆକ୍ସନ୍‌ଏଡ୍ ଏବଂ ଅନ୍ୟ ସହଭାଗୀ ସଂସ୍ଥାମାନେ ମିଳିତ ଭାବରେ ଏଫ୍‌ପିଆଇସି ପ୍ରକ୍ରିୟାକୁ ସେମାନଙ୍କ ସଂସ୍ଥାର କାର୍ଯ୍ୟରେ ସମ୍ମଳିତ କରିବା ପାଇଁ ଏକାଠି ହୋଇଛନ୍ତି । ଏହାର ପ୍ରଥମ ନିଷ୍କର୍ଷ ଭାବରେ ଏଫ୍‌ପିଆଇସି ପ୍ରକ୍ରିୟାକୁ କାର୍ଯ୍ୟକାରୀ କରିବାପାଇଁ ଏକ ମାର୍ଗଦର୍ଶିକା କରାଯାଇଅଛି ।

କୌଣସି ଏକ ପରିଯୋଜନା ଆରମ୍ଭ ହେବା ଠାରୁ ମୂଲ୍ୟାଙ୍କନ ହେବା ପର୍ଯ୍ୟନ୍ତ ଆଦିବାସୀ ସମୁଦାୟର ଅଧିକାରକୁ ସମ୍ମାନ ଦିଆଯିବା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଅଛି ।

ଏଫ୍‌ପିଆଇସି ମାର୍ଗ ଦର୍ଶିକାର ଏକ ସାରାଂଶ ଆକ୍ସନ୍‌ଏଡ୍ ଭାରତ ଦ୍ୱାରା ଭାରତର ନିତି ଓ ଆଇନ ବ୍ୟବସ୍ଥାକୁ ଆଖି ଆଗରେ ରଖି ପ୍ରସ୍ତୁତ କରାଯାଇଅଛି । ଏହି ସଂକ୍ଷିପ୍ତ ମାର୍ଗଦର୍ଶିକା ଟି ବିଭିନ୍ନ ଆଞ୍ଚଳିକ ଆଦିବାସୀ ଭାଷାରେ ଭାଷାନ୍ତରଣ କରି ଆଦିବାସୀ ସମୁଦାୟର ହିତ ପାଇଁ ପ୍ରସ୍ତୁତ କରାଯାଇ ଅଛି । ଏହା କ୍ଷେତ୍ରରେ କାମ କରୁଥିବା ବ୍ୟକ୍ତିମାନଙ୍କୁ ଏଫ୍‌ପିଆସି ପ୍ରକ୍ରିୟା କୁ ବୁଝିବା ଏବଂ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ସହାୟତା କରୁଥିବା ସମସ୍ତ ବ୍ୟକ୍ତିଙ୍କୁ ଆମେ ଧନ୍ୟବାଦ ପ୍ରଦାନ କରୁଅଛୁ ।

ଆମେ ମିଳିତ ଜାତିସଂଘର ଖାଦ୍ୟ ଏବଂ କୃଷି ସଂସ୍ଥାନର ଆଦିବାସୀ ସମୁଦାୟଙ୍କ ପାଇଁ କାର୍ଯ୍ୟକରୁଥିବା ଦଳକୁ ଏହି ସଂକ୍ଷିପ୍ତ ମାର୍ଗଦର୍ଶିକାର ପରିକଳ୍ପନା ଏବଂ ସଂପାଦନା ପାଇଁ ଧନ୍ୟବାଦ ଦେଉଅଛୁ । ବିଭିନ୍ନ ଭାଷାରେ ଭାଷାନ୍ତରଣ ପାଇଁ ନରେନ୍ଦ୍ର ଶର୍ମା (ହିନ୍ଦୀ), ବିନାୟକ ପାୱାର (ମରାଠୀ), ନନ୍ଦିନୀ (କନ୍ନଡ଼), ରେଣୁକା କଷ୍ଟା (ଗୁଜୁରାଟୀ), ପ୍ରିୟବ୍ରତ ଶତପଥୀ, ରତିକାନ୍ତ, ବିରେନ୍ (ଓଡିଆ), ଡ. ବେଲାରାମ ଘୋଗ୍ରା (ବଗାଡି), ସୌରଭ ଏବଂ ଶରଦ କୁମାରୀ (ମୁଣ୍ଡାରୀ-ମିନାକ୍ଷୀ ମୁଣ୍ଡା), (ସାନ୍ତାଳୀ-ଶିଶିର ଟୁଡୁ)ଙ୍କୁ ଅଶେଷ ଧନ୍ୟବାଦ ଜ୍ଞାପନ କରୁଅଛୁ ।

ଆକ୍ସନ୍‌ଏଡ୍, ଭାରତର କାର୍ଯ୍ୟକାରୀ ନିର୍ଦ୍ଦେଶକ ସନ୍ଦିପ ଚାଚରା ଙ୍କୁ ତାଙ୍କର ନିରନ୍ତର ପ୍ରୋତ୍ସାହନ ଓ ସହାୟତା ପାଇଁ ବିଶେଷ ଧନ୍ୟବାଦ ପ୍ରଦାନ କରୁଅଛି ।

ବ୍ରତିନ୍ଦୀ ଜେନା

ମୁଖ୍ୟ, ନାଚୁରାଲ ରିସୋର୍ସେସ ହବ୍

ଆକ୍ସନ୍‌ଏଡ୍ ଆସୋସିଏସନ୍

# ସ୍ୱତନ୍ତ୍ର, ପୂର୍ବ, ସୁଚିତ, ସହମତି ପ୍ରକ୍ରିୟା (ଏଫ୍‌ପିଆଇସି)

## ମୁଖ୍ୟ ବିଷୟ

### ପୃଷ୍ଠଭୂମି

ବିଗତ କିଛି ବର୍ଷରେ ଆମେ ସମସ୍ତେ ଏହି କଥାକୁ ଭଲ ଭାବରେ ଜାଣିଛେ ଯେ ଆଦିବାସୀ କ୍ଷେତ୍ରର ପ୍ରାକୃତିକ ସମ୍ପଦ ଲୁଟ କରିବା ପ୍ରୟାସ ହୋଇଅଛି । ଆଦିବାସୀ ଏହାର ବିରୋଧ ବି କରିଛନ୍ତି । ଏହି ବିରୋଧର ଏହା ଏକ ପ୍ରମୁଖ କାରଣ ଯେ ଆମ ଦେଶର ସରକାର ଆନ୍ତର୍ଜାତୀୟ ଶ୍ରମ ସଂସ୍ଥା (ଆଇଏଲ୍‌ଓ) ସମ୍ମିଳନୀ ( ୧୬୯ ) ଓ ଆଦୀବାସୀଙ୍କ ଅଧୀକାର ଉପରେ ମିଳିତ ଜାତି ସଂଘର ଘୋଷଣା ପତ୍ର (ୟୁଏନ୍‌ଡିଆରଆଇପି) ର ପ୍ରାବଧାନକୁ ପୂର୍ଣ୍ଣ ଭାବରେ ଲାଗୁ ବା କାର୍ଯ୍ୟକ୍ଷମ କରାଇ ନାହାନ୍ତି ।

ସେଥିପାଇଁ ତଥା କଥିତ ବିକାଶ ନାମରେ ପ୍ରସ୍ତୁତ କରାଯାଉଥିବା ପରିଯୋଜନା ଏବଂ ତାକୁ କାର୍ଯ୍ୟକ୍ଷମ କରିବା ପୂର୍ବରୁ ଆଦୀବାସୀଙ୍କର ସମ୍ପଦ ଉପରେ  ପ୍ରଭାବ ଆକଳନ କରାଗଲା ନାହିଁ, କିମ୍ବା ସେମାନଙ୍କର ସହମତି ନେବାର ପ୍ରୟାସ ବି କରାଗଲା ନାହିଁ । ଏହାଦ୍ୱାରା ସେମାନଙ୍କର ଜୀବନର ସାମଗ୍ରିକ ବିକାଶ ଉପରେ ବହୁତ ଖରାପ ପ୍ରଭାବ ପଡିଲା । ପୂର୍ବ ସୁଚିତ ସ୍ୱତନ୍ତ୍ର ସହମତି ର ଏହି ପ୍ରକ୍ରିୟା ଆଦିବାସୀ ମାନଙ୍କର ପାରମ୍ପାରିକ ଆବାସ ସ୍ଥଳୀ ଉପରେ କୌଣସି ବି ବାହାର ଲୋକ କିମ୍ବା ଶିଳ୍ପ ସଂସ୍ଥାର ବେଆଇନ କବ୍‌ଜା କରି  ସେମାନଙ୍କର ମୂଲ୍ୟବାନ ସମ୍ପଦକୁ ସେମାନଙ୍କର ବିନା ଅନୁମତିରେ ଉପଯୋଗ କିମ୍ବା ଦୁରୁପଯୋଗକୁ ପୂର୍ଣ୍ଣ ମାତ୍ରାରେ ବିରୋଧ କରୁଅଛି ।





ସମୁଦାୟର ପରାମର୍ଶରେ ଅଧିକାର ସାବ୍ୟସ୍ତ କରିବାର ପ୍ରକ୍ରିୟା

### ପୂର୍ବ, ସୁଚିତ, ସ୍ୱତନ୍ତ୍ର ସହମତି ପ୍ରକ୍ରିୟା କ'ଣ ?

ପୂର୍ବ ସୁଚିତ ସ୍ୱତନ୍ତ୍ର ସହମତି ପକ୍ରିୟା ଆଧିବାସୀ ଓ ଅନ୍ୟାନ୍ୟ ପାରମ୍ପାରିକ ଅଧିବାସୀ ମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଅଧିକାର ଅଟେ । ଆଦିବାସୀ ମାନଙ୍କର ଆନ୍ତର୍ଜାତୀୟ ମାନବ ଅଧିକାରର ମାନଦଣ୍ଡକୁ ନେଇ ଏହି ଅଧିକାର ଟି ଉତ୍ପତ୍ତି ହୋଇଛି । ଏହା ଆଦିବାସୀ ଏବଂ ପ୍ରାକୃତିକ ସମ୍ପଦ ଉପରେ ସେମାନଙ୍କର ସାମୂହିକ ଅଧିକାର କୁ ନଜରରେ ରଖି ନିର୍ଦ୍ଧାରଣ କରାଯାଇଛି ।

ଏଫ୍‌ପିଆଇସି ପ୍ରକ୍ରିୟା ଆଦିବାସୀ ଏବଂ ଅନ୍ୟାନ୍ୟ ପାରମ୍ପାରିକ ଆଦିବାସୀ ମାନଙ୍କୁ କୌଣସି ବି ପରିଯୋଜନା ର ଆରମ୍ଭ ହେବା ପୂର୍ବରୁ ସହମତି କିମ୍ବା ଅସହମତି ପ୍ରକାଶ କରିବାର ଅଧିକାର ପ୍ରଦାନ କରୁଅଛି । ପରିଯୋଜନା ଦ୍ୱାରା ପ୍ରଭାବିତ ହେବାକୁ ଥିଲେ ଆଗରୁ ସୂଚନା ଦେବାର ଅଧିକାର ଦିଆଯାଇଛି । ଏହାଦ୍ୱାରା



ସମୁଦାୟଙ୍କୁ ସୂଚନା ପ୍ରଦାନ କରିବାର ପ୍ରକ୍ରିୟା

ପ୍ରଭାବିତ ବ୍ୟକ୍ତି ପରିଯୋଜନାର ରୂପରେଖ, କାର୍ଯ୍ୟକାରୀ, ସଂଚାଳନ ଏବଂ ମୂଲ୍ୟାଙ୍କନ କରି ପାରିବ। ଏହି ପ୍ରକ୍ରିୟା ଦ୍ୱାରା ପ୍ରଭାବିତ ଲୋକ ଯେକୌଣସି ସ୍ତରରେ କଥାବାର୍ତ୍ତା ଏବଂ ପରାମର୍ଶ ରେ ଭାଗ ନ ନେବାକୁ ଚାହିଁଲେ ବି ସେହି ନିଷ୍ପତ୍ତିର ସମ୍ମାନ କରାଯିବ।

**ଏଫ୍‌ପିଆଇସି, ଏକ ପ୍ରକ୍ରିୟାର ଅଂଶବିଶେଷ।**

ଆଦିବାସୀ ଏବଂ ଅନ୍ୟାନ୍ୟ ପ୍ରଭାବିତ ସମୁଦାୟର ସାମୂହିକ ନିଷ୍ପତ୍ତି ନେବା ପୂର୍ବରୁ ଏହି ପ୍ରକ୍ରିୟାଟି ପରିଯୋଜନାର ପ୍ରାରମ୍ଭରୁ ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ କାର୍ଯ୍ୟ କରିଥାଏ।

**ଏଫ୍‌ପିଆଇସି ର ମୁଖ୍ୟ ତତ୍ତ୍ୱର ପରିଭାଷା**

**ସ୍ୱତନ୍ତ୍ର-** କୌଣସି ପ୍ରକାରର ଛଳନା, ଧମକ କିମ୍ବା ଚାପ ପ୍ରୟୋଗ ବିନା ସ୍ୱଇଚ୍ଛାରେ ସହମତି ପ୍ରଦାନ କରିବାର ଏହାଏକ ପ୍ରକ୍ରିୟା ଏହା ସମୁଦାୟର ନିଜସ୍ୱ ନିଷ୍ପତ୍ତି ଏବଂ କୌଣସି ବାହାର ବ୍ୟକ୍ତି ବା ସଂସ୍ଥାର ଚିନ୍ତାଧାରା କିମ୍ବା ସମୟ ସୀମା ନିର୍ଦ୍ଧାରିତ ସହମତି ନେବାର ପ୍ରକ୍ରିୟା ନୁହେଁ।

**ପୂର୍ବ-** କୌଣସି ବିକାଶ ପରିଯୋଜନା କିମ୍ବା ପୁଞ୍ଜି ନିବେଷ ପ୍ରକ୍ରିୟାର ପ୍ରାରମ୍ଭିକ ଅବସ୍ଥା ରୁ ହିଁ ସହମତି ନେବାର ଆବଶ୍ୟକତା ରହିଛି। କେବଳ ଆଇନତଃ ଅନୁମୋଦନ ପ୍ରାପ୍ତ କରିବା ସମୟରେ ନୁହେଁ ବରଂ ଏହାର ବହୁ ପୂର୍ବରୁ ଏହି ପ୍ରକ୍ରିୟାର ପ୍ରୟୋଗ କରିବା ଉଚିତ୍।

**ସୂଚିତ-** କୌଣସି କାର୍ଯ୍ୟକ୍ରମ, ପରିଯୋଜନା ଓ ବ୍ୟବସାୟ ପାଇଁ ସହମତି ମାଗିବା ପୂର୍ବରୁ ଏହା ସମ୍ବନ୍ଧରେ ସୂଚନା ଲୋକମାନଙ୍କୁ ସରଳ ଭାବରେ ଜଣେଇବାର ବ୍ୟବସ୍ଥା ହେବା ଉଚିତ୍।

**ସହମତି-** ଆଦିବାସୀ ଏବଂ ଅନ୍ୟାନ୍ୟ ପାରମ୍ପାରିକ ଆଧିବାସୀ ମାନଙ୍କର ପାରମ୍ପାରିକ ପ୍ରଣାଳୀରେ ସାମୁହିକ ନିର୍ଣ୍ଣୟ ନେବାର ବ୍ୟବସ୍ଥା କୁ ସହମତି ପ୍ରଦାନ କୁହାଯାଏ। ପ୍ରତ୍ୟେକ ସମୁଦାୟର ସାମାଜିକ ଏବଂ ରାଜନୈତିକ ବ୍ୟବସ୍ଥା ଅନୁସାରେ ସହମତି ନେବାର ଆବଶ୍ୟକତା ରହିଛି। ସହମତି ପ୍ରକ୍ରିୟାରେ ଯୁବବର୍ଗ, ମହିଳା, ବରିଷ୍ଠ ଏବଂ ଦିବ୍ୟାଙ୍ଗମାନଙ୍କର ଭାଗିଦାରୀ ର ଆବଶ୍ୟକତା ରହିଛି। ସମୁଦାୟ ନିଜ ଦ୍ୱାରା ନିର୍ବାଚିତ ଜନ ପ୍ରତିନିଧି ମାନଙ୍କ ସହାୟତାରେ ସହମତି ପ୍ରକ୍ରିୟାରେ ଭାଗ ନେଇ ପାରିବେ।



ପରିଯୋଜନା ପାଇଁ ସମୁଦାୟ ଠାରୁ ସହମତି ନେବାର ପ୍ରକ୍ରିୟା



ଆଦିବାସୀ ସମୁଦାୟ ହିଁ ଜଙ୍ଗଲ ସଂସାଧନର ପ୍ରକୃତ ମାଲିକ

## ଏଫ୍‌ପିଆଇସି ପ୍ରକ୍ରିୟାର ଲାଭ

ଏଫ୍‌ପିଆଇସି ପ୍ରକ୍ରିୟାଟି ଆଦିବାସୀ ଏବଂ ଅନ୍ୟାନ୍ୟ ସମୁଦାୟର ଆବଶ୍ୟକତା ଓ ପ୍ରାଥମିକତା କୁ ଗୁରୁତ୍ୱ ଦେଇ ନିର୍ଣ୍ଣୟ ନେବାର ପ୍ରକ୍ରିୟାରେ ଏକ ସମ୍ମାନଜନକ ପ୍ରତିନିଧିତ୍ୱ କରିବାର ସୁଯୋଗ ପ୍ରଦାନ କରେ ।

ଏହି ପ୍ରକ୍ରିୟାକୁ ମାନବାଧିକାର ଦୃଷ୍ଟି କୋଣରେ ସମନ୍ୱିତ କରିବାର ଆବଶ୍ୟକତା ରହିଛି । ଏଫ୍‌ପିଆଇସି ପ୍ରକ୍ରିୟାଟି ମାନବାଧିକାର ତତ୍ତ୍ୱ ସହିତ ଅଙ୍ଗାଙ୍ଗି ଭାବେ ଜଡିତ । ଏହା ଆଦିବାସୀ ଏବଂ ଅନ୍ୟାନ୍ୟ ପାରମ୍ପାରିକ ଅଧିବାସୀ ମାନଙ୍କର ପାରମ୍ପାରିକ ଏବଂ ସଂସ୍କୃତି କୁ ପ୍ରାଥମିକତା ଦେଇ ନିଷ୍ପତ୍ତି ନିଆଯାଇଥାଏ ।

## ଏଫ୍‌ପିଆଇସି ପ୍ରକ୍ରିୟା ର ବିଶେଷତ୍ୱ

### ୧. ସମୁଦାୟର ଆବାସସ୍ଥଳୀ, ଭୂମି, ଓ ନିୟନ୍ତ୍ରଣ ପ୍ରକ୍ରିୟା ଏବଂ ସେମାନଙ୍କର ସାଂସ୍କୃତିକ ଅଖଣ୍ଡତା ପ୍ରତି ସମ୍ମାନର ଆବଶ୍ୟକତା

ଏଫ୍‌ପିଆଇସି ପ୍ରକ୍ରିୟା ଆଦିବାସୀ ଏବଂ ଅନ୍ୟାନ୍ୟ ପାରମ୍ପାରିକ ଅଧିବାସୀମାନଙ୍କର ପ୍ରାକୃତିକ ସମ୍ପଦ ଓ ଭୂମି, କ୍ଷେତ୍ର ଉପରେ ନିୟନ୍ତ୍ରଣ ଏବଂ ପରିଚାଳନା, ସେମାନଙ୍କର ସାଂସ୍କୃତିକ ଅଖଣ୍ଡତା ଏବଂ ସ୍ୱନିର୍ଣ୍ଣୟ ନେବାର ପ୍ରକ୍ରିୟାକୁ ସମ୍ମାନ ପ୍ରଦାନ କରିଥାଏ । ସରକାର, ଉଦ୍ୟୋଗପତି ସଂସ୍ଥା ଓ ପରିଯୋଜକ କୌଣସି ପରିଯୋଜନାକୁ କାର୍ଯ୍ୟକ୍ଷମ କରିବା ପୂର୍ବରୁ ସମୁଦାୟର ପ୍ରଭାବ କୁ ସୁଚିତ କରାଇ ସେମାନଙ୍କର ସହମତି ନେବାର ଆବଶ୍ୟକତା ରହିଛି ।

### ୨. ସ୍ୱନିର୍ଣ୍ଣୟ ନେବାର ଅଧିକାର ଏବଂ ଉପଯୋଗ

ନିଜର ଭୂମି, ବାସସ୍ଥାନ ଓ ସଂସାଧନର ପରିଚାଳନା କରିବା ପାଇଁ ପ୍ରତି ସମୁଦାୟର ପାରମ୍ପାରିକ ପଦ୍ଧତି ରହିଛି । ଆଦିବାସୀମାନଙ୍କର ରାଜନୈତିକ ଓ ସାମାଜିକ ବ୍ୟବସ୍ଥା, ପାରମ୍ପାରିକ ନିୟମ, ସାଂସ୍କୃତିକ ପ୍ରଥା ଏବଂ ଜ୍ଞାନ କୌଶଳ ସେମାନଙ୍କୁ ଅନ୍ୟ ସମାଜ ଠାରୁ ପୃଥକ କରିଥାଏ । ଏଫ୍‌ପିଆଇସି ପ୍ରକ୍ରିୟାଟି ସେମାନଙ୍କର ଏହି ବ୍ୟବସ୍ଥାକୁ ବଳପ୍ରଦାନ କରି

ସ୍ୱନିର୍ଣ୍ଣୟ ନେବାରେ ସହାୟତା ପ୍ରଦାନ କରିଥାଏ। ଏହା କ୍ଷେତ୍ରର ଉନ୍ନତି ଓ ସଂସାଧନର ପରିଚାଳନା ପାଇଁ ସାହାଯ୍ୟ କରିଥାଏ।

**୩. ଏଫ୍‌ପିଆଇସି ଏକ ସୁରକ୍ଷାକାରୀ ପ୍ରକ୍ରିୟା**


ଏକ ପରିଯୋଜନାର ସମ୍ଭାବିତ ସାମାଜିକ ଏବଂ ପରିବେଷଗତ ପ୍ରଭାବକୁ ଆକଳନ କରି ସୁରକ୍ଷା ପ୍ରଦାନ କରିବା ଦିଗରେ ଏଫ୍‌ପିଆଇସି ପ୍ରକ୍ରିୟା ସାହାଯ୍ୟ କରିଥାଏ। ଏକ ପରିଯୋଜନାର ସମ୍ଭାବିତ ପ୍ରତିକୂଳ ପ୍ରଭାବ ଉପରେ ସମୁଦାୟର ଚିନ୍ତା ଏବଂ ବିରୋଧକୁ ଏହା ଏକ ବଳ ପ୍ରଦାନ କରିଥାଏ। ଏହି ପ୍ରକ୍ରିୟା ଦ୍ୱାରା ସମୁଦାୟ ପରିଯୋଜନା ପ୍ରସ୍ତାବକ ଠାରୁ ପରିଯୋଜନାର ସମ୍ବନ୍ଧରେ ସଠିକ, ସୁଚନା ଏବଂ ଅନ୍ୟାନ୍ୟ ଗବେଷଣା ମଧ୍ୟ ମାଗିପାରିବେ।

**୪. ଏଫ୍‌ପିଆଇସି ଏକ ସାମୁହିକ ନିର୍ଣ୍ଣୟ ନେବାର ପ୍ରକ୍ରିୟା**


ଏଫ୍‌ପିଆଇସି କେବଳ ଏକ ପ୍ରକ୍ରିୟା ଭାବରେ ଅନୁସରଣ କରିବାର ବିଷୟ ବସ୍ତୁ ନୁହେଁ ବରଂ ଏହା ସମୁଦାୟର ସଂସାଧନ, ବାସ ବସତି ଏବଂ ଭୂମିର ଉନ୍ନତି ଏବଂ ପରିଚାଳନାଗତ ନିର୍ଣ୍ଣୟ ନେବାର ବ୍ୟବସ୍ଥାକୁ ସୁନିଶ୍ଚିତ କରିଥାଏ। ଏହା ସାମୁହିକ ଭାବରେ ନିର୍ଣ୍ଣୟ ନେବା ପାଇଁ ସମୁଦାୟକକୁ ଅଧିକାର ପ୍ରଦାନ କରିଥାଏ। ଆଦିବାସୀ ସମୁଦାୟ ଏକ ସାମୁହିକ ସାମାଜିକ ବ୍ୟବସ୍ଥାରେ ବସବାସ କରନ୍ତି ଏବଂ ନିଜର ଅସ୍ତିତ୍ୱ ଏବଂ ବିକାଶ ପାଇଁ ସାମୁହିକ ଭାବରେ ନିଜର ଜୀବନଯାପନ କରନ୍ତି।

**୫. ଏଫ୍‌ପିଆଇସି ବାରମ୍ବାର ଅନୁସରଣ କରିବାର ଏକ ପ୍ରକ୍ରିୟା**


ଆଦିବାସୀ ସମୁଦାୟ ଏକ ସ୍ୱତନ୍ତ୍ର ସମୁଦାୟ ଭାବରେ ନିଜର ସର୍ବାଙ୍ଗୀନ ଉନ୍ନତି ପାଇଁ ପାରମ୍ପାରିକ ସମ୍ମାନବୋଧ ଏବଂ ନିର୍ଣ୍ଣୟ ନେବା ପ୍ରକ୍ରିୟାରେ ଏକ ଫଳପ୍ରଦ ଭାଗିଦାରୀ ପାଇଁ ଏଫ୍‌ପିଆଇସି ପ୍ରକ୍ରିୟାକୁ ବାରମ୍ବାର ଅନୁସରଣ କରିବାର ଆବଶ୍ୟକତା ରହିଛି। ଏହି ପ୍ରକ୍ରିୟାରେ କ୍ରମାନ୍ୱୟ ଭାବରେ ବିଚାରବିମର୍ଶ, କଥାବାର୍ତ୍ତା ଏବଂ ଭାବବିନିମୟ କରି ସମୁଦାୟର ସହମତି ଏବଂ ସହଭାଗୀତା ହାସଲ କରିବାର ଅବଶ୍ୟକତା ରହିଛି। କେବଳ



ପ୍ରାକୃତିକ ସଂସାଧନକୁ ମାନଚିତ୍ରିତ କରି ସମୁଦାୟର ଅଧିକାର ସାବ୍ୟସ୍ତ ପ୍ରକ୍ରିୟା



ଆମେ ଏଫ୍‌ପିଆଇସି ପ୍ରକ୍ରିୟା ଦ୍ୱାରା ସାମୂହିକ ନିର୍ଣ୍ଣୟ ନେଇ ପରିସ୍ଥିତିକୁ ବଦଳେଇ ପାରିବା



ଏଫ୍‌ପିଆଇସି ପ୍ରକ୍ରିୟା ଆମକୁ ନ୍ୟାୟତନ୍ତ୍ର ଏବଂ ଅନ୍ୟ ସମୂହ ପାଖରେ ପହଞ୍ଚାଇ ଥାଏ

ପରିଯୋଜନାର ଆରମ୍ଭ ହେବା ପୂର୍ବରୁ ନୁହେଁ ବରଂ ସମ୍ପୂର୍ଣ୍ଣ ପରିଯୋଜନା ସମୟରେ ସମୁଦାୟର ବ୍ୟକ୍ତିମାନଙ୍କୁ ପ୍ରକ୍ରିୟାରେ ସାମିଲ କରିବାର ଆବଶ୍ୟକତା ରହିଛି ।

**୬. ଏଫ୍‌ପିଆଇସି ସରକାର ଏବଂ ଅନ୍ୟ ବାହ୍ୟ ସଂସ୍ଥା ମାନଙ୍କର ସହିତ ସଂପର୍କ ସ୍ଥାପନର ଏକ କାର୍ଯ୍ୟପନ୍ଥା**

ଏଫ୍‌ପିଆଇସି ପ୍ରକ୍ରିୟା ସମୁଦାୟର ଅନ୍ୟ ବାହ୍ୟ ସଂସ୍ଥା ଏବଂ ସରକାରଙ୍କ ସଂପର୍କ କୁ ସୁନିଶ୍ଚିତ କରିଥାଏ । ଏହା ସରକାର ଏବଂ ଅନ୍ୟ ସଂସ୍ଥା ମାନଙ୍କର ପରିଯୋଜନା, କାର୍ଯ୍ୟପ୍ରଣାଳୀ, ନିୟମାବଳୀ ଏବଂ ନୀତି ଯାହା ସମୁଦାୟଙ୍କୁ ପ୍ରଭାବିତ କରିବାର ଆଶଙ୍କା ଥାଏ, ସେହି ସବୁ ବିଷୟରେ ସୁଚନା ପ୍ରଦାନ କରିଥାଏ । ଏହି ପରିପ୍ରେକ୍ଷୀରେ ଯଦି କୌଣିସି କାର୍ଯ୍ୟ ଦ୍ୱାରା ସମୁଦାୟ ପ୍ରଭାବିତ ହୁଏ, ସେଥିରେ ସମୁଦାୟ ସହିତ ଏକ ପାରସ୍ପରିକ ବିଶ୍ୱାସ (ଯେଉଁଠାରେ ବିସ୍ତୃତ, ସଠିକ, ଏବଂ ସମ୍ପୂର୍ଣ୍ଣ ସୂଚନା ଦିଆଯାଇଥିବା)ର ପରିବେଶ ସୃଷ୍ଟି କରି କଥାବାର୍ତ୍ତା ଏବଂ ବିଚାର ବିମର୍ଶ ଦ୍ୱାରା ସହମତି ନିଆଯିବ ।

**ଆନ୍ତର୍ଜାତୀୟ ଏବଂ ଜାତୀୟ ବିଧି ବ୍ୟବସ୍ଥାରେ ଏଫ୍‌ପିଆଇସି ପ୍ରକ୍ରିୟା**

ଏଫ୍‌ପିଆଇସି ପ୍ରକ୍ରିୟା ଆଦିବାସୀ ସମୁଦାୟର ପାରମ୍ପାରିକ ବାସ ବସତି ଏବଂ ଜୀବନ ଶୈଳୀକୁ ପ୍ରଭାବିତ କରୁଥିବା କାର୍ଯ୍ୟ ବିଷୟରେ ଅବଗତ ହୋଇ ଏକ ସୁଚିତ, ଏବଂ ମୁକ୍ତ ନିର୍ଣ୍ଣୟ ପ୍ରକ୍ରିୟା ଦିଗରେ ରଚଓଡ ଏକ ଆନ୍ତର୍ଜାତୀୟ ବିଧି ବ୍ୟବସ୍ଥା ଉପରେ ବର୍ତ୍ତମାନ ଆବିର୍ଭାବ ହୋଇଛି ।

**ଆଇଏଲ୍‌ଓ ସମ୍ମିଳନୀ (ନଂ୧୦୭)-ଆଦିବାସୀ ଜନଜାତିସମୁଦାୟର ସମ୍ମିଳନୀ ୧୯୫୭**

ଏହି ସମ୍ମିଳନୀ ଆଦିବାସୀ ସମୁଦାୟର ସାମାଜିକ, ରାଜନୈତିକ ଏବଂ ସାଂସ୍କୃତିକ ଅଧିକାରକୁ ସୁରକ୍ଷିତ କରିବା ପାଇଁ ଅନୁଷ୍ଠିତ ହୋଇଥିଲା ଏବଂ ଏହି ସମ୍ମିଳନୀ ଦୃଢ ଭାବରେ ଉପସ୍ଥାପିତ କରିଅଛି ଯେ ଆଦିବାସୀ ସମୁଦାୟର ସ୍ୱତନ୍ତ୍ର ସହମତି ବିନା ସେମାନଙ୍କର ପାରମ୍ପାରିକ ବାସସ୍ଥାନରୁ ସେମାନଙ୍କୁ ଉଚ୍ଛେଦ କରାଯାଇ ପାରିବ ନାହିଁ ।

**ଆଇଏଲ୍‌ଓ ସମ୍ମିଳନୀ (ନଂ୧୬୯)- ଆଦିବାସୀ ଜନଜାତି ସମୁଦାୟ ସମ୍ମିଳନୀ ୧୯୮୯**

ଆଇଏଲ୍‌ଓ ସମ୍ମିଳନୀର ନିର୍ଦ୍ଦେଶାବଳୀ ଅନୁସାରେ ଆଦିବାସୀ ସମୁଦାୟକୁ ବଳପୂର୍ବକ ସେମାନଙ୍କ ପାରମ୍ପାରିକ ବାସବସତିରୁ ଉଚ୍ଛେଦ କରାଯାଇ ପାରିବ ନାହିଁ । ଯେଉଁଠାରେ ସେମାନଙ୍କୁ ପୁନଃ ଅବସ୍ଥାପନ କରିବାର ନିତ୍ୟାନ୍ତ ଭାବରେ ଆବଶ୍ୟକତା ପଡ଼େ ସେଠାରେ ଜାତୀୟ ବିଧି ବ୍ୟବସ୍ଥା ଦ୍ୱାରା ନିର୍ଦ୍ଧାରିତ ଆବଶ୍ୟକ ପଦକ୍ଷେପ ନିଆଯାଇ କରାଯିବ । ଯାହାକି ପ୍ରଭାବିତ ଲୋକମାନଙ୍କର ମତାମତର ନିରପେକ୍ଷ ତଦନ୍ତ ପରେ ନିଆଯିବ ।

**ମିଳିତ ଜାତିସଂଘର ଆଦିବାସୀ ସମୁଦାୟର ଅଧିକାର ସମ୍ବନ୍ଧୀୟ ଘୋଷଣାପତ୍ର (ୟୁଏନ୍‌ଡିଆର୍‌ଆଇପି), ୨୦୦୭**

ୟୁଏନ୍‌ଡିଆର୍‌ଆଇପି ଆଦିବାସୀ ସମୁଦାୟର ମାନବାଧିକାର ଉଲ୍ଲଂଘନ ରୋକିବା ଓ ସେମାନଙ୍କୁ ଭେଦଭାବ ବିରୋଧରେ ଲଢିବା ଦିଗରେ ଏକ ଯୁଗାନ୍ତକାରି ପଦକ୍ଷେପ। ଏହି ଘୋଷଣା ପତ୍ର ଆଦିବାସୀ ସମୁଦାୟକୁ ବଳପୂର୍ବକ ନିଜର ଭୂମି ଏବଂ ଆବାସସ୍ଥଳୀରୁ ଉଚ୍ଛେଦ ନହେବା ସୁନିଶ୍ଚିତ କରିଅଛି। ପୂର୍ଣ ସ୍ୱାଧୀନ ସହମତି, ନ୍ୟାୟୋଚିତ ଏବଂ ନିଷ୍ପକ୍ଷ କ୍ଷତିପୂରଣ ଏବଂ ପୁନଃ ବସନର ବିକଳ୍ପ ବିନା କୌଣସି ସ୍ଥାନାନ୍ତରଣକୁ ମିଳିତ ଜାତି ସଂଘ ଘୋଷଣା ପତ୍ରରେ ବିରୋଧ କରାଯାଇ ଅଛି। ରାଜ୍ୟ ଦ୍ୱାରା କୌଣସି ବିଧି ଏବଂ ଶାସନ ବ୍ୟବସ୍ଥା ପ୍ରଣୟନ କରିବା ପୂର୍ବରୁ ଆଦିବାସୀ ସମୁଦାୟର ପ୍ରତିନିଧି ଏବଂ ସଂସ୍ଥା ଦ୍ୱାରା ସେମାନଙ୍କର ସହମତି ନେବାର ଆବଶ୍ୟକତା ରହିଛି।

**ଜୈବ ବିବିଧତା ସମ୍ମିଳନୀ (ସିବିଡି) ୧୯୯୨**

ଆଦିବାସୀ ସମୁଦାୟର ଜୈବିକ ସଂସାଧନ ଉପରେ ପାରମ୍ପାରିକ ନିର୍ଭରଶୀଳତା ଏବଂ ପାରମ୍ପାରିକ ଜ୍ଞାନ କୌଶଳ ଦ୍ୱାରା ଏହାର ଲାଭକୁ ଅନ୍ୟମାନଙ୍କ ସହିତ ବାଣ୍ଟିବା ଏବଂ ଜୈବବିବିଧତାର ସଂରକ୍ଷଣ ଏବଂ ନ୍ୟାୟିକ ବ୍ୟବହାରକୁ ସିବିଡି ରେ ସିକୃତି ପ୍ରଦାନ କରାଯାଇଅଛି। ତତ୍ ସହିତ ସଂରକ୍ଷଣ ଏବଂ ବ୍ୟବହାରରେ ମହିଳାଙ୍କର ଗୁରୁତ୍ୱପୂର୍ଣ୍ଣ ଏବଂ ନୀତି ପ୍ରଣୟନ ବେଳେ ପ୍ରତ୍ୟେକ କ୍ଷେତ୍ରରେ ମହିଳାଙ୍କ ଭାଗିଦାରୀକୁ ସିବିଡି ସୁନିଶ୍ଚିତ କରିଅଛି।

**ଭାରତ ସମ୍ବିଧାନରେ ଏଫ୍‌ପିଆଇସି ପ୍ରକ୍ରିୟା**

ରାଜ୍ୟରେ ଅନୁସୂଚିତ ଅଞ୍ଚଳ ଏବଂ ଅନୁସୂଚିତ ଜନଜାତି (ଆଦିବାସୀ) ମାନଙ୍କର ଶାସନ ବ୍ୟବସ୍ଥା ସମ୍ବିଧାନର ପଞ୍ଚମ ଏବଂ ଷଷ୍ଠ ଅନୁସୂଚୀ ବ୍ୟବସ୍ଥା ଦ୍ୱାରା କରାଯାଇଥାଏ। ଅନୁସୂଚିତ କ୍ଷେତ୍ର ଏବଂ ଏହାର ଶାସନ ବ୍ୟବସ୍ଥା ପାଇଁ ପ୍ରଣୟନ କରାଯାଇଥିବା ନିୟମାବଳୀ ଆଦିବାସୀ ଅଞ୍ଚଳରେ ଶାନ୍ତି, ସ୍ୱଶାସନ, ଆର୍ଥିକ ଉନ୍ନତି ଏବଂ ସଂସ୍କୃତିର ସଂରକ୍ଷଣ କରି ସାମାଜିକ, ଆର୍ଥିକ ଏବଂ ରାଜନୈତିକ ନ୍ୟାୟକୁ ସୁନିଶ୍ଚିତ କରାଯାଇଥାଏ।

**ପେସା ଆଇନ୍ ୧୯୯୬**

ପେସା ଆଇନ ଆଦିବାସୀ ସମୁଦାୟର ପାରମ୍ପାରିକ ଭାବରେ ସମୁଦାୟିକ ସଂସାଧନର ପରିଚାଳନା, ଧାର୍ମିକ କାର୍ଯ୍ୟକଳାପ ଏବଂ ପାରମ୍ପାରିକ ଆଇନ ବ୍ୟବସ୍ଥା ପ୍ରଚଳନକୁ ସୁନିଶ୍ଚିତ କରିଅଛି। ଅନୁସୁଚିତ କ୍ଷେତ୍ରରେ ଲଘୁ ଖଣିଜର ଖନନ ପାଇଁ ସିକୃତି ଗ୍ରାମସଭାର ନିଷ୍ପତ୍ତି ଆଧାରରେ ପ୍ରଦାନ କରିଯିବାର ବ୍ୟବସ୍ଥା କରାଯାଇ ଅଛି।

**ଜଙ୍ଗଲ ଅଧିକାର ଅଧିନିୟମ-୨୦୦୬**

ଏହି ଆଇନଟି ଅତୀତରେ ବିଭିନ୍ନ ଆଇନ ଓ ନିତି ଦ୍ୱାରା ଆଦିବାସୀମାନଙ୍କୁ ନିଜର ପାରମ୍ପାରିକ ଆବାସସ୍ଥଳୀରୁ ଅଲଗା କରାଯାଇଥିବା ଐତିହାସିକ ଅନ୍ୟାୟକୁ ଦୂର କରିବା ପାଇଁ ପ୍ରଣୟନ କରାଯାଇଅଛି। ଏହି ଆଇନରେ ସ୍ପଷ୍ଟ ଉଲ୍ଲେଖ ଅଛି ଯେ ଆଦିବାସୀ ମାନଙ୍କର ଜଙ୍ଗଲ ଉପରେ ଅଧିକାର ସାବ୍ୟସ୍ତର ପ୍ରକ୍ରିୟା ସମ୍ପୂର୍ଣ୍ଣ ନହେବା ପର୍ଯ୍ୟନ୍ତ ସେମାନଙ୍କୁ ବର୍ତ୍ତମାନର ବାସସ୍ଥାନରୁ ଉଚ୍ଛେଦ କରାଯାଇ ପାରିବ ନାହିଁ। ଗ୍ରାମସଭା ସର୍ବୋଚ୍ଚ ନିର୍ଣ୍ଣୟ ନେବାର ଅନୁଷ୍ଠାନ ହିସାବରେ ସୀକୃତି ଦିଆଯାଇଛି ଏବଂ ପ୍ରତ୍ୟେକ ପ୍ରକ୍ରିୟାରେ ସମୁଦାୟର ଭାଗିଦାରୀ କୁ ସୁନିଶ୍ଚିତ କରାଯାଇଅଛି।

**ଭୂମି ଅଧିଗ୍ରହଣରେ ଉଚିତ୍ କ୍ଷତିପୂରଣର ଅଧିକାର ଏବଂ ପୁନଃ ବସନ ଏବଂ ପୁନଃ ସ୍ଥାପନରେ ସ୍ୱଚ୍ଛତା ଅଧିନିୟମ, ୨୦୧୩**

ଏହି ଆଇନ ଭୂମି ଅଧିଗ୍ରହଣ ସମୟରେ ସଠିକ ସୂଚନା, ସମୁଦାୟର ଭାଗିଦାରୀ, ମାନବୀୟ ଦୃଷ୍ଟିକୋଣ ଏବଂ ପାରଦର୍ଶୀ ପ୍ରକ୍ରିୟାରେ ଗ୍ରାମସଭା ଏବଂ ପଞ୍ଚାୟିତିରାଜ ଅନୁଷ୍ଠାନ ସହ ପରାମର୍ଶ କୁ ନିଶ୍ଚିତ

କରିଅଛି । ପ୍ରଭାବିତ, କ୍ଷେତ୍ରରେ ସଠିକ ସୂଚନା ପୂର୍ବକ ଜନଶୁଣାଣୀ କରିବାପାଇଁ ଏହି ଆଇନ ନିଶ୍ଚିତ କରିଅଛି । ଏହା ଫଳରେ ରାଜ୍ୟ ବା ରାଜ୍ୟ ସମର୍ଥିତ କୌଣସି କମ୍ପାନୀ ସ୍ଥାନୀୟ ସମୁଦାୟକୁ ବଳପୂର୍ବକ ବିସ୍ଥାପିତ କରି ପାରିବେ ନାହିଁ ।

**ପରିବେଶ (ସୁରକ୍ଷା) ଅଧିନିୟମ-୧୯୮୬**

ପରିବେଶ ଆଇନ ଏହି କଥାକୁ ସୁନିଶ୍ଚିତ ଏବଂ ପ୍ରତିବନ୍ଧିତ କରେକି ଯେଉଁ ସ୍ଥାନରେ ଉଦ୍ୟୋଗ ସ୍ଥାପନ କରାଯିବ ସେହି ସ୍ଥାନର ପରିବେଶ ଏବଂ ସ୍ଥାନୀୟ ଲେକଙ୍କର ଉପରେ ଏହାର କୁ ପ୍ରଭାବ ଯେପରି ନପଡ଼େ ।

**ପରବେଶ ପ୍ରଭାବ ଆକଳନ ବିଜ୍ଞପ୍ତି ୨୦୦୬**

ପ୍ରଭାବିତ ସମୁଦାୟ ସୂଚନା ପାଇ ପାରିବାର ଅଧିକାର, ନିଷ୍ପତ୍ତି ନେବାରେ ଭାଗିଦାରୀ ଏବଂ ନ୍ୟାୟ ପାଇବାର ପ୍ରକ୍ରିୟାକୁ ସୁନିଶ୍ଚିତ କରିଅଛି । କୌଣସି ପରିଯୋଜନାର ପରିବେଶ ଏବଂ ଲୋକଙ୍କ ଉପରେ ପ୍ରଭାବକୁ ଜନ ଶୁଣାଣି ପ୍ରକ୍ରିୟା ମାଧମରେ ଜଣେଇବାର ବ୍ୟବସ୍ଥା କରାଯାଇଛି ।

**ଜୈବିକ ବିବିଧତା ଆଇନ ୨୦୦୨**

ଜୈବବିବିଧତା ର ସଂରକ୍ଷଣ, ସଠିକ ବିନିଯୋଗ, ଲାଭର ସୁଷମ ବଣ୍ଟନ ଏବଂ ପାରମ୍ପାରିକ ଜ୍ଞାନ କୌଶଳର ବିନିଯୋଗ ପାଇଁ ସମୁଦାୟ ସହିତ ବିଚାର ବିମର୍ଶ କରି ଅଗ୍ରିମ ସହମତି ନେବାର ଆବଶ୍ୟକତାକୁ ଏହି ଆଇନ୍ ସୁନିଶ୍ଚିତ କରି ଅଛି ।

**ଏଫ୍‌ପିଆଇସି ପ୍ରକ୍ରିୟାକୁ କାର୍ଯ୍ୟକାରୀ କରିବା ପାଇଁ ଆବଶ୍ୟକ ସଂସାଧନ**

- କୌଣସି ଏକ ସଂଗଠନରେ ଏଫ୍‌ପିଆଇସି ପ୍ରକ୍ରିୟାକୁ ବ୍ୟବସ୍ଥିତ ସଂଘଟିତ କରିବାପାଇଁ ମାନବ ସଂସାଧନ, ଦକ୍ଷତା ବୃଦ୍ଧି ଏବଂ ଅଭିଯୋଗ ଶୁଣାଣି ବ୍ୟବସ୍ଥା କରିବାର ଆବଶ୍ୟକତା ରହିଛି ।
- ମାନବ ସଂସାଧନ କ୍ଷମତା ପ୍ରଯୁଜ୍ୟ ରହିବା ଉଚିତ
- ଏକ ଅଭିଯୋଗ ଶୁଣାଣୀ ବ୍ୟବସ୍ଥା ରହିବା ଉଚିତ
- ନିୟମିତ ଦକ୍ଷତା ବୃଦ୍ଧି ଏବଂ ମାର୍ଗଦର୍ଶନ କାର୍ଯ୍ୟକ୍ରମ ହେବା ଉଚିତ

## ଏଫ୍‌ପିଆଇସି ପ୍ରକ୍ରିୟା କୁ କିପରି କାର୍ଯ୍ୟକାରୀ କରାଯିବ

**ପରିଯୋଜନାର ପ୍ରାରମ୍ଭିକ ଭାଗରେ**

- ସମ୍ବନ୍ଧିତ ସମୁଦାୟ ଏବଂ ସେମାନଙ୍କର ପ୍ରତିନିଧିଙ୍କୁ ଚିହ୍ନଟ କରିବା
- ସମୁଦାୟର ଭାଗୀଦାରିରେ ଭୌଗୋଳିକ ଏବଂ ଜନସଂଖ୍ୟା ଭିତ୍ତିକ ସୂଚନାକୁ ସୁଚିବଦ୍ଧ କରିବାର ଆବଶ୍ୟକତା ରହିଛି

**କାର୍ଯ୍ୟ ଆରମ୍ଭ ସମୟରେ**

- ଏଫ୍‌ପିଆଇସି ପ୍ରକ୍ରିୟାକୁ କାର୍ଯ୍ୟକ୍ଷମ କରିବା ପାଇଁ ଆବଶ୍ୟକ ପ୍ରାରମ୍ଭିକ ଆର୍ଥିକ, ମାନବସମ୍ବଳ ଏବଂ ସମୟର ମୂଲ୍ୟାଙ୍କନ କରିବା
- ସମୁଦାୟ ସହିତ ସହଭାଗିତାପୂର୍ଣ୍ଣ ଭାବବିନିମୟ ଏବଂ ବିଚାର ବିମର୍ଶ କରି ପରିଯୋଜନା ସମ୍ବନ୍ଧରେ ସୂଚନା ଗୁଡ଼ିକୁ ସେମାନଙ୍କୁ ସମ୍ମୁଖରେ ଉନ୍ମୋଚନ କରିବାର ଆବଶ୍ୟକତା ଅଛି
- ପରିଯୋଜନାର ବିଭିନ୍ନ ଦିଗକୁ ତଦାରଖ ଓ ମୂଲ୍ୟାଙ୍କନ କରିବାର ଆବଶ୍ୟକତା ରହିଛି


**ପରିଯୋଜନାର କାର୍ଯ୍ୟକାରୀ ସମୟରେ**


- ଅଭିଯୋଗ ଶୁଣାଣି ପ୍ରକ୍ରିୟା
- ଦ୍ୱନ୍ଦ ସମାଧାନ ନିସ୍ତାରଣ ପଦ୍ଧତି, ପ୍ରତିକାରର ରାସ୍ତା ନିର୍ଦ୍ଧାରଣ କରିବା
- ତଦାରଖ ଓ ମୂଲ୍ୟାଙ୍କନ ଲୋକଙ୍କର ମତାମତ ସମ୍ମିଳିତ କରିବା

**ପରିଯୋଜନାର ଅନ୍ତିମ ସମୟରେ**

- ପ୍ରାପ୍ତ ଶିକ୍ଷାକୁ ସୁଚିବଦ୍ଧ କରିବା
- ପରିଯୋଜନାର ଉପଲବ୍ଧି ଓ ପରିମାଣ କୁ ସୁଚିତ କରିବା

## ସଶକ୍ତ ସମୁଦାୟ ପାଇଁ ଏଫ୍‌ପିଆଇସି ପ୍ରକ୍ରିୟା
## କାର୍ଯ୍ୟକାରୀ ସଂସ୍ଥା, ହିତାଧିକାରୀ, ରାଜ୍ୟ ଓ ଉଦ୍ୟୋଗ





आदिवासी जनजाति अधिकार मंच

आ ज म

actionaid